# Akashvani, Sambalpur

## SAMBALPURI NEWS BULLETIN

### 12 November 2025 – 6.47- 6.52 am.

*********************************************

ନୂଆପଡ଼ା ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଗଲାକାଏଲ୍ ମତଦାନ୍ ଶାନ୍ତିଶୃଙ୍ଖଲାର୍ ସହେତେ ଶେଷ୍ ହେଇଛେ । ଇଥର ରେକର୍ଡ୍ ସଂଖ୍ୟାଥି ମତଦାନ୍ ହେଇଛେ । ଜିଲ୍ଲା ନିର୍ବାଚନ୍ ଅଧିକାରୀଙ୍କର୍ ସୂଚ୍‌ନା ଅନ୍‌ସାରେ୍ ୮୧ ଦଶ୍‌ମିକ୍ ୧/୭ ପ୍ରତିଶତ୍ ମତଦାନ୍ ହେଇଛେ । କେତେଟା ଜାଗା ନ ରାତିର୍ ୮ ବଜେତକ୍ ମତଦାନ୍ ହେଇଥିଲା । ସୂଚ୍‌ନା ଅନ୍‌ସାରେ ନିର୍ବାଚନୀ ମଇଦାନ୍‌ଥି ୧୪ ଜନ୍ ପ୍ରାର୍ଥୀ ରହିଥିଲା ବେଲ୍‌କେ ଆଏବା ୧୪ ତାରିଖ୍ ଦିନ୍ ଭୋଟ୍ ଗନ୍‌ତି ହେଇକରି ଫଲାଫଲ୍ ଘୋଷ୍‌ନା କରାଯିବା ।

ସୁରଭି-୨୦୨୫ I&PR

ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଥିବା କଳାର୍ ବିକାଶ୍ ଲକ୍ଷ୍ୟଥି ଭୁବ୍‌ନେଶ୍ୱର୍ ୟୁନିଟ୍-୩ କେପିଟାଲ୍ ହାଇସ୍କୁଲ୍ ପରିସର୍ ନ ଆଏଜ୍‌ଠାନୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ- ସୁରଭି-୨୦୨୫ ମୁଲ୍ ହେଉଛେ । ମହୋତ୍ସବ୍‌କେ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ସହେତେ ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମହକ୍ I&PR

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍-ମହକ୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ । ମହିଳା ଆଉ ଶିଶୁ ବିକାଶ୍, ମିଶନ୍ ଶକ୍ତି ବିଭାଗ୍ ଆଉ ରାଜ୍ୟ ଶିଶୁ ସୁରକ୍ଷା ସମିତି ତର୍‌ଫୁ ୫ ଦିନ୍ ଧରିକରି ହେବାର୍‌କେ ଥିବା ମହୋତ୍ସବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ୫ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ନାଚ୍, ଗୀତ୍, ବକ୍ତୃତା, ସାଧାରଣ୍ ଜ୍ଞାନ୍ ବାଗିର୍ ଭିନ୍ ଭିନ୍ ପ୍ରତିଯୋଗିତା ହେବା ।

ମିଶନ୍ ପାୱାର୍ I&PR

ଓଡ଼ିଶାର୍ ସବୁ ଗାଁ ନ ୨୦୨୭ ମସିହାତକ୍ ସବୁଦିନିଆ ରାସ୍ତା, ବିଜ୍‌ଲି ଆଉ ପିଇବାର୍ ପାଏନ୍ ଯୋଗାଣ ସୁନିଶ୍ଚିତ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍‌ଥି ସମନ୍ୱିତ କାର୍ଯ୍ୟାନ୍ୱୟନ୍ ବ୍ୟବସ୍ଥା ମିଶନ୍ ପାଓ୍ୱାର୍ ମୁଲ୍ କରାଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ମିଶନ୍ ପାଓ୍ୱାର୍‌ର ଗୁଟେ ପ୍ରସ୍ତୁତି ବୈଠକ୍ ହେଇଥିଲା । ବୈଠକ୍‌ଥି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ୍ ଥିଲେ । ମିଶନ୍ ପାଓ୍ୱାର୍‌କେ ସଫଲ୍ କର୍‌ବାର୍ ଲାଗି ସମ୍ପୃକ୍ତ ବିଭାଗ୍ ମାନ୍‌କର୍ ଅଧିକାରୀମାନ୍‌କୁ ନେଇକରି ଗୁଟେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ୍ କରାଯିବା । ପଂଚାୟତ୍ ୱାରି ଥିତିର୍ ରିପୋର୍ଟ ଲାଗି ରୋଡ୍‌ମେପ୍ ଆଉ ସମିଆ ଧାରିଜ୍ କରାଯାଇକରି ମଝି ମଝି କଲେକ୍ଟର୍ ମାନ୍‌କର୍‌ଠାନୁ ତଥ୍ୟ ମଗାଯିବା ବଲି ବୈଠକ୍‌ନୁ ଜନାପଡ଼ିଛେ ।

ଜଳ ପଂଚାୟତ୍ ଜନଭାଗିଦାରୀ ପୁରସ୍କାର୍/ଆର୍‌ଏନ୍‌ୟୁ/ ସମ୍ବଲପୁର

ଜଳଶକ୍ତି ଅଭିଯାନ୍‌ର କେଚ୍ ଦ ରେନ୍ କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ସହେତେ ଓଡ଼ିଶାର୍ ୫ ଟା ଜିଲ୍ଲାକେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଜଳ ପଂଚାୟତ୍

ଜନଭାଗିଦାରୀ ପୁରସ୍କାର୍ ଦିଆଯିବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୧୮ ତାରିଖ୍ ନୂଆଦିଲ୍ଲୀ ନ ହେବାର୍‌କେ ଥିବା ସମ୍ମାନ୍ ସମାରୋହଥି ଇ ପୁରସ୍କାର୍ ପ୍ରଦାନ୍ କର୍‌ବେ । କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ତର୍‌ଫୁ ଗଲାକାଏଲ୍ ବିଜେତାଙ୍କର୍ ତାଲିକା ଘୋଷ୍‌ନା କରାଯାଇଛେ । ପାନିର୍ ସଂରକ୍ଷଣ୍ ଆର୍ ବଁଚାବାର୍ ଦିଗେ ପ୍ରଶଂସନୀୟ କାମ୍ କରିଥିବାର୍‌ନୁ ଇ ଜିଲ୍ଲାମାନ୍‌କୁ ଇ ପୁରସ୍କାର୍ ଦିଆଯିବା ।

ଖାଦ୍ୟ ଯୋଗାଣ ମନ୍ତ୍ରୀ-ଖାଦ୍ୟ ଯୋଗାଣ ପ୍ରତିନିଧି ସାକ୍ଷାତ୍/I&PR

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ୍‌ର ପ୍ରତିନିଧି ଆଉ ରାଷ୍ଟ୍ରଶାଖା ନିର୍ଦ୍ଦେଶକ ଏଲିଜାବେଥ୍ ଫୋରେ ଭେଟିକରି ରାଏଜେ ଖାଦ୍ୟ ନିରାପତା ଆଉ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଓଡ଼ିଶାକେ ଖାଦ୍ୟ ନିରାପତା ଭାବେ ଉତ୍କର୍ଷ କେନ୍ଦ୍ର କର୍‌ବାର୍ ଦିଗେ କାମ୍ କର୍‌ବାର୍‌କେ ଇ ଅବ୍‌ସରେ ଆଲୋଚନା କରାଯାଇଥିଲା ।

ନୂଆଖାଇ- ୨ ଦିନ୍ ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ଇ ବଛର୍ ପଶ୍ଚିମ ଓଡ଼ିଶାର୍ ନୂଆଖାଇ ଲାଗି ୨ ଦିନ୍ ଛୁଟି ଘୋଷ୍ନା କରିଛନ୍ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍ଫୁ ଗଲାକାଏଲ୍ ବାହାରିଥିବା ୨୦୨୬ ଛୁଟି କେଲେଣ୍ଡର୍ ତାଲିକାଥି ଇ ବାବ୍ଦେ ଉଲ୍ଲେଖ ରହିଛେ । ଛୁଟି ତାଲିକା ଅନ୍‌ସାରେ ନୂଆଖାଇ ଲାଗି ଆଏବା ବଛର୍ ସେପ୍ଟେମ୍ବର୍ ୧୫ ଆଉ ୧୬ ତାରିଖ୍‌କେ ଛୁଟି ଘୋଷ୍ନା କରାଯାଇଛେ ।

ଓଟିଇଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓଟିଇଟି ଡିସେମ୍ବର୍ ୧୭ ତାରିଖ୍ ହେବା । ଇଥିର୍‌ଲାଗି ପ୍ରାର୍ଥୀମାନେ ଆଏଜ୍‌ଠାନୁ ବୋର୍ଡ୍ ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ ବଲି ବୋର୍ଡ୍ ତର୍ଫୁ ବାହାରିଥିବା ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ । ଆବେଦନ୍‌ର ଶେଷ୍ ଦିନ୍ ନଭେମ୍ବର୍ ୨୫ ତାରିଖ୍ ରଖାଯାଇଛେ । ଇ ପରୀକ୍ଷା ଲାଗି ସାଧାରଣ୍ ପ୍ରାର୍ଥୀଙ୍କର୍ ସହେତେ ଚାକିରୀଥି ଥିବା ଶିକ୍ଷକ୍‌ମାନେ ଭିଲ୍ ଆବେଦନ୍ କରିପାର୍‌ବେ । ପ୍ରାର୍ଥୀମାନ୍‌କର୍ ଏଡ୍‌ମିଟ୍‌କାର୍ଡ୍ ଡିସେମ୍ବର୍ ୧୦ ତାରିଖ୍‌ନୁ ବୋର୍ଡ୍ ୱେବ୍‌ସାଇଟ୍‌ଥି ମିଲିପାର୍‌ବା ।

ଲୋକ୍‌ସେବା ପ୍ରସାରଣ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଲୋକ୍‌ସେବା ପ୍ରସାରଣ୍ ଦିବସ୍ । ୧୯୪୭ ମସିହାର୍ ଆଜିର୍ ଦିନେ ଜାତିର ପିତା ମହାତ୍ମାଗାନ୍ଧୀ ଦିଲ୍ଲୀର୍ ପ୍ରସାରଣ୍ ଭବନ୍‌କେ ଆସିକରି ଦେଶ୍ ବିଭାଜନ୍ ଉତ୍‌ରୁ ହରିଆନାର୍ କୁରୁକ୍ଷେତ୍ର ନ ଅସ୍ଥାୟୀ ଭାବେ ରହୁଥିବା ଶରଣାର୍ଥୀମାନ୍‌କୁ ରେଡ଼ିଓଥି ସମ୍ବୋଧିତ୍ କରିଥିଲେ । ହେତେବେଲେ ଗାନ୍ଧୀଜୀ ରେଡ଼ିଓ ମାଧମ୍‌କେ ଭଗ୍‌ବାନ୍‌ଙ୍କର୍ ଚମହାର୍ ଶକ୍ତି ବଲି  କହିଥିଲେ । ଦିଲ୍ଲୀର୍ ପ୍ରସାରଣ୍ ଭବନ୍‌କେ ମହାତ୍ମାଗାନ୍ଧୀ ଆଏବାର୍ ଘଟ୍‌ନାକେ ସୁର୍‌ତା କର୍‌ବାର୍ ଲାଗି ୨୦୦୧ ମସିହାନୁ ଫି ବଛର୍ ନଭେମ୍ବର୍ ୧୨ ତାରିଖ୍ ଦିନ୍‌କେ ଲୋକ୍‌ସେବା ପ୍ରସାରଣ୍ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ ।

ଧନୁଯାତ୍ରା- କଲାକାର୍ ଚୟନ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ୍ ଧନୁଯାତ୍ରା ମହୋତ୍ସବ୍-୨୦୨୫-୨୬ ଲାଗି ଆଏବା ୧୫ ନୁ ୧୭ ତାରିଖ୍ ତକ୍ ବିଜୁ ପଟ୍ଟନାୟକ୍ ଟାଉନ୍ ହଲ୍ ନ କଲାକାର୍ ବଛା ଯିବା । ଆବେଦନ୍‌କାରୀମାନେ ନିଜର୍ ଭୂମିକା ଲାଗି ଧାରିଜ୍ ତାରିଖ୍ ମାନ୍‌କୁ ଟାଉନ୍‌ହଲ୍‌କେ ପୁହୁଁଚିବାର୍ ଲାଗି କୁହାଯାଇଛେ । ଇ ବାବ୍‌ଦେ ଧନୁଯାତ୍ରା ମହୋତ୍ସବ୍ ସମିତି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆର୍ଥିକ ସଚେତନତା ଶିବିର କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ସଂଚୟ ଆଉ ଆର୍ଥିକ୍ ସେବା ବିଭାଗ୍ ତର୍‌ଫୁ ଗଲାକାଏଲ୍ ସଂଚୟ ପକ୍ଷ ପାଲନ୍ ଅବ୍‌ସରେ ବରିଷ୍ଠ ନାଗରିକ ଆଉ ପେନ୍‌ସନ୍ ଭୋଗୀମାନ୍‌କର୍ ଲାଗି ଆର୍ଥିକ ସାକ୍ଷରତା ଆଉ ସାଇବର୍ ସଚେତନତା ଶିବିର ହେଇଯାଇଛେ । ଜିଲ୍ଲା ସ୍ୱଳ୍ପ ସଂଚୟ ଆଉ ଆର୍ଥିକ୍ ସେବା ବିଭାଗ୍ ନିର୍ଦ୍ଦେଶକଙ୍କର୍ ଅଧ୍ୟକ୍ଷତାଥି୍ ହେଇଥି୍ବା ଶିବିର୍‌ଥି୍ ଅତିରିକ୍ତ ଜିଲ୍ଲା କୋଷାଧ୍ୟକ୍ଷ ଆଉ ଅଲ୍‌ଗା ମାନେ ଯୋଗ୍ ଦେଇକରି କେନ୍‌ସି ଭିଲ୍ ଠକେଇଥି୍ ନାଇଁ ପଡ଼ିକରି ନିଜର୍ ପଏସାକେ ସର୍‌କାରୀ ବ୍ୟବସ୍ଥା ଜରିଏ ସୁରକ୍ଷିତ୍ ରଖ୍‌ବାର୍‌କେ ପରାମର୍ଶ ଦେଇଛନ୍ ।